# Students Participation & Activities












# Students Participation & Activities

## ରାଜ୍ୟସ୍ତରରେ ଉପବିଜେତା ଜୁଡୋ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା



ବୁଧବାର
ସମ୍ବଲପୁର, ୫ ଅକ୍ଟୋବର ୨୦୧୬
ସମ୍ବାଦ 97 YEARS OF EXCELLENCE 1919-2016
ସମୟ

ସମ୍ବଲପୁର,୪।୧୦(ନି.ପ୍ର)- ସ୍ଥାନୀୟ ବିନାଖଣ୍ଡିର ସାଓଲିନ୍ କୁଂଫୁ ଉଷୁ ଅନୁଷ୍ଠାନ ଦ୍ୱାରା ପରିଚାଳିତ ସମ୍ବଲପୁରର ଜୁଡ଼ୋ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସମ୍ବଲପୁର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଦଳ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୧୨ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୩ ବ୍ରୋଞ୍ଜ ପଦକ ଜିଣିଛନ୍ତି। ସ୍ୱର୍ଣ୍ଣ ପଦକ ଜିଣିଥିବା ପ୍ରତିଯୋଗୀ ହେଲେ ପ୍ରିୟଙ୍କା ମିଉଲ (୪୮ କିଲୋ ବର୍ଗ), ସେହନାଜ ଖାତୁନ (୬୩ କିଲୋ ବର୍ଗ), ଆଶିଷ ସାହୁ (୬୬ କିଲୋ ବର୍ଗ), କମଲେଶ ରାୟ (୭୩ କିଲୋ ବର୍ଗ), ଆରତୀ ବେହେରା (୭୮ କିଲୋ ବର୍ଗ), ସୁଭଦ୍ରା ପଣ୍ଡା (୩୫ କିଲୋ ବର୍ଗ), ବେବି ଅମିଷା (୪୫ କିଲୋ ବର୍ଗ), ହର୍ଷ ଡୁଲସ୍ୟାନ (୭୩ କିଲୋ ବର୍ଗ) ଓ ସୌରଭ ଅଗ୍ରୱାଲ (୯୦ କିଲୋ ବର୍ଗ)। ମୁଖ୍ୟ ପ୍ରଶିକ୍ଷକ ତଥା ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା, ପ୍ରଶିକ୍ଷିକା ବିଜୟା ଗୁରୁଙ୍ଗ, ପ୍ରଶିକ୍ଷକ ସୋନୁ ପ୍ରସାଦ ସୋନାରି, ଅରୁଣ କୁମାର ଅଜାଡ଼ିୱାଲା ପ୍ରମୁଖ ଉକ୍ତ ଏହି ଟିମ୍‌ର ନେତୃତ୍ୱ ନେଇଥିଲେ। ଏହି ପ୍ରତିଯୋଗିତା ଭୁବନେଶ୍ୱର କିଟ୍‌ସ କାଠଯୋଡ଼ି ହଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ୪୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଆଜି ବିନାଖଣ୍ଡି ଠାରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ବିଧାୟିକା ଡା.ରାସେଶ୍ୱରୀ ପାଣିଗ୍ରାହୀ ଏହି ଅବସରରେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।



ସମ୍ବଲପୁର: ରାଜ୍ୟସ୍ତରୀୟ ଜୁଡୋ ପ୍ରତିଯୋଗିତାରେ ପଦକ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ବିନାଖଣ୍ଡିସ୍ଥିତ ସାଓଲିନ କୁଂଫୁ ଅନୁଷ୍ଠାନ ପରିସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗାୟତ୍ରୀ ମିଶ୍ର

ପ୍ରତିଭା

ରାଜ୍ୟ ଜୁଡୋ ଚମ୍ପିଆନଶିପ୍ ପ୍ରତିଯୋଗିତାରେ ୨୦୧୬, ୨୦୧୭, ୨୦୧୮ ଓ ୨୦୧୯ ମସିହାରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ରାଜ୍ୟ କୁସ୍ତି ଚମ୍ପିଆନଶିପ୍ ପ୍ରତିଯୋଗିତାରେ ୨୦୧୭ ଓ ୨୦୧୮ ମସିହାରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏପରିକି ସେ ୨୦୧୫ ମସିହାରେ ସେ ଅଖିଳ ଭାରତ ଆନ୍ତଃ ବିଶ୍ୱବିଦ୍ୟାଳୟ ଜୁଡୋ ଚମ୍ପିଆନଶିପ୍, ୨୦୧୬ ଓ ୨୦୧୭ ମସିହାରେ ଜାତୀୟ କନିଷ୍ଠ ଜୁଡୋ ଚମ୍ପିଆନଶିପ୍, ୨୦୧୮ ରେ ଜାତୀୟ ବରିଷ୍ଠ ଜୁଡୋ ଚମ୍ପିଆନଶିପ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମଦେଇ ଶ୍ରେଷ୍ଠ ତାଲିମଦାତା ଭାବେ ଓଡ଼ିଶା ସରକାରଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି ଗାୟତ୍ରୀ।



ସମୟ
ସମ୍ବଲପୁର, ୧୧ ଡିସେମ୍ବର ୨୦୧୬, ରବିବାର
୫



ସମ୍ବଲପୁର: ସ୍ଥାନୀୟ ବିନାଖଣ୍ଡିସ୍ଥିତ କୁଂଫୁ ଓ ଉଷୁ ଆସୋସିଏସନର ରାଜ୍ୟ କଥା ଜାତୀୟସ୍ତରରେ ପଦକ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଜିଲ୍ଲାପାଳ ସମର୍ଥ ବର୍ମା ସମ୍ବର୍ଦ୍ଧିତ କରିଥିଲେ।











